# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 January – 2026

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଲୋକମାନେ ଆର୍ଥିକ ସ୍ତରରେ ସଶକ୍ତ ହୋଇପାରିଲେ ବିକାଶ ସମ୍ଭବ; କହିଲେ ମୁଖ୍ୟମନ୍ତ୍ରୀ

- ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ହେବ ଆରମ୍ଭ

— ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ସର୍ବଦଳୀୟ ବୈଠକ

- ଗୋପାଳପୁର ବେଳାଭୂମି ମହୋତ୍ସବକୁ ଆଜି ଉଦ୍‌ଘାଟନ କରିବେ ରାଜ୍ୟପାଳ

ଏବଂ

- ଗ୍ରାମୀଣ ସ୍କୁଲଗୁଡ଼ିକରେ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ଦେବା ନେଇ କେନ୍ଦ୍ରାପଡା ଜିଲ୍ଲାରେ ଆଜିଠାରୁ ଆରମ୍ଭ ହେଲା ସ୍ମାର୍ଟ ଶିକ୍ଷାଦାନ କାର୍ଯ୍ୟକ୍ରମ

## ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଜନସାଧାରଣଙ୍କ ଆର୍ଥିକସ୍ତରରେ ଉନ୍ନତି ହେଲେ ବିକାଶ ସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସମ୍ବଲପୁରର ଲପଙ୍ଗାଠାରେ ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ୮୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଭିତ୍ତିରେ ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୨୦ ଲକ୍ଷ କୋଟି ଟଙ୍କାର ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ଅଗ୍ରସର ହେଉଛନ୍ତି। କମ୍ପାନୀର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଆଦିତ୍ୟ ଆଲୁମିନିୟମ୍ ସ୍ମେଲଟର କ୍ଷମତା ସମ୍ପ୍ରସାରଣର ଶିଳାନ୍ୟାସ କରିଛନ୍ତି।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ସୁଦର୍ଶନ ହରିପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବଦଳୀୟ ବୈଠକ

ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ନୂଆଦିଲ୍ଲୀର ସଂସଦୀୟ କକ୍ଷରେ ସର୍ବଦଳୀୟ ବୈଠକ ଜାରି ରହିଛି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ରାଜ୍ୟସଭାରେ ଗୃହର ନେତା ଜେ.ପି. ନଡ୍ଡା, କେନ୍ଦ୍ର

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏବଂ ଡକ୍ଟର ଏଲ୍. ମୁରୁଗାନ୍ ବୈଠକରେ ଉପସ୍ଥିତ ଅଛନ୍ତି । କଂଗ୍ରେସ ନେତା ଜୟରାମ ରମେଶ, ଡିଏମକେ ନେତା ତିରୁଚି ଶିୱା, ତୃଣମୂଳ କଂଗ୍ରେସ ନେତା ସାଗରିକା ଘୋଷ ଏବଂ ସମାଜବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ ବୈଠକରେ ଉପସ୍ଥିତ ଅଛନ୍ତି ।

ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆସନ୍ତାକାଲିଠାରୁ ଫେବୃଆରୀ ମାସ ୧୩ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ମାସ ୯ ତାରିଖରୁ ଏପ୍ରିଲ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ବଜେଟ ଅଧିବେଶନ ସମୟରେ ୩୦ଟି ବୈଠକ ହେବ ବୋଲି ସୂଚନା ମିଳିଛି । ଫେବୃଆରୀ ମାସ ପହିଲାରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ସଂସଦର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଆସନ୍ତା ଆଥିକବର୍ଷ ପାଇଁ ବଜେଟ ଉପସ୍ଥାପନ ଲଗାତାର ନବମ ଥର ହେବ । ୨୦୧୯ ମସିହା ଜୁଲାଇ ମାସ ୫ ତାରିଖରେ ଶ୍ରୀମତୀ ସୀତାରମଣ ପ୍ରଥମ ଥର ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିଥିଲେ ।

## ରାଷ୍ଟ୍ରପତି-ଛତିଶାନିଯୋଗ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସ ୩ ତାରିଖରେ ପୁରୀ ଗସ୍ତରେ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣରେ ଶ୍ରୀମନ୍ଦିର ପ୍ରଶାସକଙ୍କ ଅଧ୍ୟକ୍ଷତାରେ ନୀତି ସବ୍‌କମିଟି ଓ ଛତିଶାନିଯୋଗର ବୈଠକ ଅନୁଷ୍ଠିତ ହେବ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଶ୍ରୀଜୀଉମାନଙ୍କର ନୀତିକାନ୍ତି ଶୃଙ୍ଖଳିତ କରିବା ନେଇ ମୁଖ୍ୟତଃ ଭାବେ ଆଲୋଚନା ହେବ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଅବସରରେ ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟସୂଚୀ ରହିଛି। ବୈଠକରେ ପୁରୀ ଜିଲ୍ଲାପାଳଙ୍କ ସମେତ ପୁରୀ ପୌର ପରିଷଦ ଓ ଛତିଶା ନିଯୋଗର ବରିଷ୍ଠ ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ରହିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ପୋଷାକ ମୂଲ୍ୟ ବୃଦ୍ଧି

ରାଜ୍ୟ ସରକାର ଅଙ୍ଗନୱାଡିରେ ପଢୁଥିବା ପିଲାଙ୍କର ପୋଷାକର ମୂଲ୍ୟ ବୃଦ୍ଧି କରିଛନ୍ତି। ବାଳକ ମାନଙ୍କର ପୋଷାକର ମୂଲ୍ୟ ୧୭୫ ଟଙ୍କାକୁ ବୃଦ୍ଧି କରାଯାଇଛି। ବାଳିକାମାନଙ୍କ କ୍ଷେତ୍ରରେ ଏହି ରାଶିର ପରିମାଣ ୨୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି। ଉଭୟ ବର୍ଗର ପିଲାମାନଙ୍କ ପାଇଁ ଜୋତା ଖର୍ଚ୍ଚ ବାବଦରେ ୧୫୦ ଟଙ୍କାକୁ ବୃଦ୍ଧି କରାଯାଇଛି।

## ଜନଗଣନା

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଆସନ୍ତା ଏପ୍ରିଲ ମାସରୁ ଆରମ୍ଭ ହେବ। ଜନଗଣନା କାର୍ଯ୍ୟ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମସିହା ଫେବୃୟାରୀ ମାସରୁ ଆରମ୍ଭ ନେଇ ସରକାରୀ ସୂତ୍ରରୁ ଜଣାପଡିଛି। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ମାସ ୧୬ ତାରିଖରୁ ଆରମ୍ଭ ହୋଇ ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ମଧ୍ୟରେ ଘର ତାଲିକା କରଣ କାର୍ଯ୍ୟ ଏବଂ ଜନସଂଖ୍ୟା ଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟାଗତ ବିବରଣୀ ସହ ଜନସଂଖ୍ୟା ଗଣନା ହେବ। ଗୃହ ତାଲିକାଭୁକ୍ତ କାର୍ଯ୍ୟ ଏପ୍ରିଲ ମାସ ପହିଲାରୁ ସେପ୍ଟେମ୍ବର ମାସ ୩୦ ତାରିଖ ମଧ୍ୟରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରାଯିବ। ଗୃହ ତାଲିକା ଆରମ୍ଭ ହେବା ପୂର୍ବରୁ ୧୫ ଦିନ ମଧ୍ୟରେ ଆତ୍ମଗଣନା ପାଇଁ ଏକ ବିକଳ୍ପ ରଖାଯିବ। ରାଜ୍ୟରେ ପ୍ରାୟ ୧ ଲକ୍ଷ ଜନଗଣନାକାରୀଙ୍କୁ ଏ ନେଇ ନିଯୁକ୍ତ କରାଯାଇଛି। ଜଣେ ଗଣନାକାରୀଙ୍କୁ ପ୍ରାୟ ୨୦୦ ପରିବାରର ଦାୟିତ୍ୱ ଦିଆଯିବ। ଜଣେ ପର୍ଯ୍ୟବେକ୍ଷକ ୬ ଜଣ ଗଣନାକାରୀଙ୍କ କାର୍ଯ୍ୟର ତଦାରଖ କରିବେ। ପ୍ରତ୍ୟେକ ଗଣନାକାରୀଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ୨୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ମିଳିବ।

## ବେଳାଭୂମି ମହୋତ୍ସବ

ଗୋପାଳପୁର ବେଳାଭୂମି ମହୋତ୍ସବ ଆଜିଠାରୁ ଆରମ୍ଭ ହେଉଛି । ଜିଲ୍ଲାର ଇଷ୍ଟଦେବୀ ମା’ ତାରାତାରେଣୀଙ୍କ ପୀଠରୁ ଆଜି ଏକ ମଶାଲ

ଶୋଭାଯାତ୍ରା ବାହାରି ମହୋତ୍ସବ ପଡିଆରେ ପହଞ୍ଚିଛି । ମଶାଲକୁ ରାସ୍ତାର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଜି ବେଳାଭୂମି ମହୋତ୍ସବକୁ ଉଦ୍‌ଘାଟନ କରିବେ । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ ସମୟରେ ବେଳାଭୂମି ସଫେଇ ଅଭିଯାନ, ଦୌଡ ପ୍ରତିଯୋଗିତା ଏବଂ ସମୁଦ୍ର ଆଳତୀ ଅନୁଷ୍ଠିତ ହେବ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ସ୍ମାର୍ଟ ଟିଭି

ରାଜ୍ୟର ଗ୍ରାମୀଣ ସ୍କୁଲରେ ଡିଜିଟାଲ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରଥମ ଥର ପାଇଁ କେନ୍ଦ୍ରାପଡା ଜିଲ୍ଲାରେ କମ୍ପୁଟର ମାଧ୍ୟମରେ ସ୍ମାର୍ଟ ଶିକ୍ଷାଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଆଜିଠାରୁ ଏହି ଆଧୁନିକ ପଠନ ପ୍ରଣାଳୀ ରାଜ୍ୟରେ ଆରମ୍ଭ ହୋଇଛି । ସାଂସଦ ବୈଜୟନ୍ତ ପଣ୍ଡା ଜିଲ୍ଲାର ୫ଟି ସ୍କୁଲକୁ ପ୍ରଥମ ପର୍ଯ୍ୟାୟରେ ସ୍ମାର୍ଟ ଟିଭି ପ୍ରଦାନ କରିଛନ୍ତି । ଏହି ଶିକ୍ଷାଦାନ ପଦ୍ଧତିରେ ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଅନୁମୋଦିତ ପାଠ୍ୟ ଖସଡାକୁ ଦୃଶ୍ୟ, ଶ୍ରାବ୍ୟ ଭାବେ ରୂପାନ୍ତରଣ କରାଯାଇଛି । ସ୍ମାର୍ଟ ଟିଭି ମାଧ୍ୟମରେ ପିଲାମାନେ ପାଠ ପଢ଼ିବେ, ବୁଝିବେ ଏବଂ  ଦେଖିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଶିକ୍ଷକ କମ୍ ଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏହି

ପଦକ୍ଷେପ ନିଆଯାଇଛି ବୋଲି ସାଂସଦ ଶ୍ରୀ ପଣ୍ଡା କହିଛନ୍ତି। ଦେଶର ୬୫୦ ସ୍କୁଲରେ ବର୍ତ୍ତମାନ ସୁଦ୍ଧା ସ୍ମାର୍ଟ ଟିଭି ସଂଯୋଗ କରାଯାଇଛି। ଭବିଷ୍ୟତରେ ଅନ୍ୟ ସ୍କୁଲଗୁଡ଼ିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ବନକଲାଗି

ମାଘ ଶୁକ୍ଳ ଦଶମୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଠାକୁରଙ୍କର ଏହି ନୀତି ଲାଗି ହେବ। ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଶ୍ରୀଜୀଉମାନଙ୍କର ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସ୍ୱାସ୍ଥ୍ୟ ବୈଠକ

**ନୂଆପଡା** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ମାସିକ ମେଡିକାଲ ବୋର୍ଡର ବୈଠକ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ପୂର୍ବ ନିର୍ଦ୍ଧାରିତ ପ୍ରତ୍ୟେକ ମାସର ଦ୍ୱିତୀୟ ଓ ଚତୁର୍ଥ ମଙ୍ଗଳବାର ପରିବର୍ତ୍ତେ ଶୁକ୍ରବାର ଦିନ ବୈଠକ କରିବା ନେଇ ନିଷ୍ପତ୍ତି ହୋଇଛି। ବୈଠକରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ସହ

ଚିକିତ୍ସା ବ୍ୟବସ୍ଥା ନେଇ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରତ୍ୟେକ ମାସରେ ଏହି ବୈଠକର ଆୟୋଜନ କରାଯାଇଥାଏ ।

## ସାଇକେଲ ଯାତ୍ରା

**ନୂଆପଡା** ଜିଲ୍ଲା ଖଡିଆଳ ତାଲୁକ୍ ଆଇନସେବା ପ୍ରାଧିକରଣ ପକ୍ଷରୁ 'ବାଲ୍ୟବିବାହମୁକ୍ତ ଭାରତ' ସଚେତନ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ଅଧ୍ୟକ୍ଷ ତଥା ସବ୍‌ଜଜ୍ ଇଷା ପତି, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଯୋଗଦେଇ ସାଇକେଲ ଯାତ୍ରାର ଶୁଭାରମ୍ଭ କରିଥିଲେ । ଆଇନ୍‌ସେବା ପ୍ରାଧିକରଣ ଅଧିକାର ମିତ୍ର ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ବାଲ୍ୟବିବାହ ମୁକ୍ତ ପାଇଁ ପ୍ରତ୍ୟେକ ସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

## ଚୂଳ ଚଢ଼ା ପର୍ବ

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ପାଳିଆ ଗ୍ରାମର ଶ୍ରୀ ବିରଞ୍ଚି ନାରାୟଣ ପୀଠରେ ଚୂଳ ଚଢ଼ା ପର୍ବ ପାଳିତ ହୋଇଯାଇଛି । ବଡ଼ ସିଂହାର ବେଶ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ପରୀକ୍ଷା ପେ ଚର୍ଚ୍ଚା

**ଭଦ୍ରକ** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ **ପରୀକ୍ଷା ପେ ଚର୍ଚ୍ଚା** କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଜିଲ୍ଲାର ୧୦ଟି ବିଦ୍ୟାଳୟର ୧୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଅଭିଯୋଗ ଶୁଣାଣି

**ନବରଙ୍ଗପୁର** ଜିଲ୍ଲା ପାପଡା ହାଣ୍ଡି ବ୍ଲକ୍‌ରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ୍ ୩୩ଟି ଅଭିଯୋଗର ଶୁଣାଣି ହୋଇଥିଲା । ୬ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ଏବଂ ୨ ଜଣ ଦୃଷ୍ଟିବାଧିତଙ୍କୁ ସେମାନଙ୍କର ଉପଯୋଗୀ ଉପକରଣ ଶିବିରରେ ପ୍ରଦାନ କରାଯାଇଥିଲା ।

# ଆଦିବାସୀ ମେଳା

ଭୁବନେଶ୍ୱର ୟୁନିଟ-୧ସ୍ଥିତ ଆଦିବାସୀ ପଡିଆଠାରେ ଗତକାଲିଠାରୁ ଆଦିବାସୀ ମେଳା-୨୦୨୬ ଆରମ୍ଭ ହୋଇଛି । ଆସନ୍ତା ମାସ ୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ୧୦୯ଟି ମଣ୍ଡପ ସ୍ଥାନ ପାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଆଦିବାସୀ ମେଳାକୁ ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟ ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି । ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ସରକାର ପ୍ରାଥମିକତାର

ସହିତ କାର୍ଯ୍ୟ କରୁଛନ୍ତି। ଆଞ୍ଚଳିକ ବୈଶମ୍ୟ ଦୂର କରିବା ଲକ୍ଷ୍ୟ ନେଇ ଦକ୍ଷିଣ ଓଡିଶା ବିକାଶ ପରିଷଦ ଏବଂ ଉତ୍ତର ଓଡିଶା ବିକାଶ ପରିଷଦ ସରକାର ଗଠନ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ବିଭାଗୀୟ ଗବେଷଣାତ୍ମକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରିଥିଲେ।